**REGIONAL NEWS UNIT, AIR CUTTACK**

**Evening Bulletin (6.45 PM)**

**9 August - 2024**

**News Editor : Itishree Singh Rathaur**

************************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ; କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

— ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ ପାଳିତ ହେଉଛି ଅଗଷ୍ଟ କ୍ରାନ୍ତି ଦିବସ

- ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା

- ରାଜ୍ୟରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟକୁ ଉଦ୍‌ଘାଟନ କଲେ ଉଚ୍ଚଶିକ୍ଷାମନ୍ତ୍ରୀ

ଏବଂ

- ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା

# ଅଗଷ୍ଟ କ୍ରାନ୍ତିଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ତଥା ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ **ଅଗଷ୍ଟ କ୍ରାନ୍ତିଦିବସ** ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ ନେଇଥିଲା। ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସରେ ଦେଶରେ ବିଭିନ୍ନ ଜାତୀୟତାବୋଧ କାର୍ଯ୍ୟକ୍ରମମାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପାଳନ କରାଯିବ।

ଅଗଷ୍ଟ କ୍ରାନ୍ତିଦିବସ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ଦେବା ସହିତ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ ଅଗଷ୍ଟ କ୍ରାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟର ସବୁ ସଫଳତା ଓ ଆନନ୍ଦ ପଛରେ ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚରମ

ତ୍ୟାଗ ଓ ବଳିଦାନ ରହିଛି। ସରକାର କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ଭତ୍ତା ପ୍ରଦାନ ପାଇଁ ବିଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ମଧ୍ୟ ଭାରତଛାଡ ଆନ୍ଦୋଳନର ସର୍ବବ୍ୟାପୀ ପ୍ରଭାବ ଥିଲା। କଟକଠାରୁ କୋରାପୁଟ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ରାଜ୍ୟର ପୁରପଲ୍ଲୀରେ ସଂଗ୍ରାମର ଶିଖା ପ୍ରଜ୍ୱଳିତ କରିଥିଲା। ଏହି ସଂଗ୍ରାମ ତ୍ୟାଗ ବାସ୍ତବରେ ଆଜିର ସମାଜ ପକ୍ଷରେ ଚିନ୍ତା କରିବା ମଧ୍ୟ କଷ୍ଟସାଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସହିଦ୍‌ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ।

## ହର୍ ଘର ତ୍ରିରଙ୍ଗା

ଦେଶ ଆସନ୍ତା ୧୫ ତାରିଖରେ ସ୍ୱାଧୀନତାର ୭୭ ବର୍ଷ ପାଳନ କରିବ। ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ହର୍ ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭର ପୂର୍ବ ସନ୍ଧ୍ୟାରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅଗଷ୍ଟ ୧୩ ତାରିଖ ଦିନ ସାଂସଦଙ୍କ ତ୍ରିରଙ୍ଗା ବାଇକ ରାଲି

ବାହାରିବ। ଦେଶର ପ୍ରତ୍ୟେକ ନାଗରିକଙ୍କୁ ନିଜ ଘରେ ତ୍ରିରଙ୍ଗା ପତାକା ଉଡାଇବା ସହିତ ଏକ ସେଲ୍ଫି ନେଇ ଏହାକୁ ହର୍ ଘର ତ୍ରିରଙ୍ଗା ଡଟ୍ କମରେ ଅପଲୋଡ କରିବାକୁ ସେ ନିବେଦନ କହିଛନ୍ତି।

ହର୍ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଜାତୀୟ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକ୍ରମ ଆଜି ଆହ୍ୱାନରେ ପରିଣତ ହୋଇଛି।

## ସଂସଦ ମୁଲତବୀ

ସଂସଦର ଉଭୟ ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ସଂସଦର ବଜେଟ୍ ଅଧିବେଶନ ଗତମାସ ୨୨ ତାରିଖରେ ଆରମ୍ଭ ହୋଇଥିଲା। ଉଭୟ ସଦନର ଅଧିବେଶନ ଆସନ୍ତା ସୋମବାର ଦିନ ଶେଷ ହେବାକୁ ଥିବାବେଳେ ଆଜି ମୁଲତବୀ ଘୋଷଣା ହୋଇଛି। ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଏହି ଅଧିବେଶନରେ ମୋଟ୍ ୧୫ଟି ବୈଠକ ବସିଥିବାବେଳେ ୧୧୫ ଘଣ୍ଟା ସଂସଦ ଚାଲିଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତମାସ ୨୩ ତାରିଖରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଆଗତ କରିଥିଲେ। ଚଳିତ ଅଧିବେଶନରେ ଗୃହରେ ୧୨ଟି ସରକାରୀ ବିଲ୍ ଆଗତ ହୋଇଥିଲା। ସେଥିମଧ୍ୟରୁ ୪ଟି ବିଧେୟକ ଗୃହର ଅନୁମୋଦନ ଲାଭ କରିଥିଲା ବୋଲି ବାଚସ୍ପତି କହିଛନ୍ତି।

## ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ରାଜ୍ୟର ୮ଟି ଜିଲ୍ଲାରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଶିକ୍ଷା ମାଧ୍ୟମରେ ହିଁ ଯୁବବର୍ଗଙ୍କୁ ସଶକ୍ତ କରିବା ସହ ସମାଜରେ ପରିବର୍ତ୍ତନ ଆସିପାରିବ । ଉପାନ୍ତ ଅଂଚଳରେ ନବନିର୍ମିତ ଏହି ସ୍ନାତକ ମହାବିଦ୍ୟାଳୟଗୁଡ଼ିକ ଶିକ୍ଷାକ୍ଷେତ୍ରରେ ବିପ୍ଳବ ଆଣିବା ସହ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହ୍ରାସ ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

## ଏସ୍‌ସିବି କ୍ରେନ୍ ଦୁର୍ଘଟଣା

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍‌ପିଟାଲର ସମ୍ପ୍ରସାରଣ କାର୍ଯ୍ୟ ସମୟରେ କ୍ରେନ୍ ଭାଙ୍ଗି ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଆହତମାନଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।

## ଜନଜାତି ଦିବସ

ଜନଜାତି ସଂପ୍ରଦାୟର ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ସଂପର୍କରେ ସଚେତନତା ସୃଷ୍ଟି କରବା ପାଇଁ ଆଜି ବିଶ୍ୱ ଜନଜାତି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଜେନେଭାଠାରେ ଆୟୋଜିତ ଜନଜାତି ଜନସଂଖ୍ୟା ସଂପର୍କିତ ପ୍ରଥମ ଜାତିସଂଘ କାର୍ଯ୍ୟକାରିଣୀ ସମୂହ ବୈଠକରେ ଏହି ଦିବସକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ପରିବେଶ

ସୁରକ୍ଷା ସହ ଜଡ଼ିତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଆଦିବାସୀ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଏବଂ ଭୂମିକାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ଜନଜାତି ଦିବସ ପାଳନର ବାର୍ତ୍ତା ରହିଛି "ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ପ୍ରସାରରେ ଜନଜାତି ମହିଳାଙ୍କ ଭୂମିକା" ।

ବିଶ୍ୱ ଜନଜାତି ଦିବସର ଶୁଭେଚ୍ଛା ଜଣାଇ **ରାଜ୍ୟପାଳ** ରଘୁବର ଦାସ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ପ୍ରକୃତିର ପୂଜକ, ଆଦି କାଳରୁ ସଭ୍ୟତା ଓ ସଂସ୍କୃତିକୁ ସଂରକ୍ଷିତ କରି ରଖିବାରେ ଜନଜାତି ସମ୍ପ୍ରଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି।

ଏହି ଦିବସରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଦେଶ ତଥା ରାଜ୍ୟର ସମସ୍ତ ଜନଜାତି ସମ୍ପ୍ରଦାୟର ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଏବଂ ଦେଶର ବିକାଶରେ ସେମାନଙ୍କ ଅବଦାନକୁ ସମ୍ମାନ ଦେବା ସରକାରଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

## ଭିନ୍ନକ୍ଷମ ସଶକ୍ତୀକରଣ ଅଭିଯାନ

କେନ୍ଦ୍ର ସରକାର ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଉଦ୍ୟମରେ ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଶପଥପାଠ ଲାଗି ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ବିକଶିତ ଭାରତର ମନ୍ତ୍ର ନିଶାମୁକ୍ତ ଭାରତ ବାର୍ତ୍ତା ନେଇ ବିଭାଗ ପକ୍ଷରୁ ଆସନ୍ତା ସୋମବାର ଶପଥପାଠ କରାଯିବ। ଏହି ସମୟରେ ରାଜ୍ୟର ସମସ୍ତ ବିଦ୍ୟାଳୟ,

ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶପଥପାଠ କରାଯିବ।

## ଜାତୀୟ ସେବା ଯୋଜନା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ ସେବା ଯୋଜନାର ମିଳିତ କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଂଚଳିକ କାର୍ଯ୍ୟକାରୀ ଅଧିକାରୀ ଡକ୍ଟର ନିଶିଥ୍ ରଞ୍ଜନ ଦାସ ସ୍ୱେଚ୍ଛାସେବୀମାନଙ୍କୁ ଫାଇଲେରିଆର ନିରାକରଣ ଓ ଔଷଧ ସେବନ ସଂକ୍ରାନ୍ତ ପରାମର୍ଶ ଦେଇଥିଲେ।

## ପ୍ରଶିକ୍ଷଣ ଶିବିର

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ସରକାରୀ ଉଚ୍ଚବିଦ୍ୟାଳୟଠାରେ ବ୍ୟକ୍ତିଗତ ସ୍ୱଚ୍ଛତା ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ୍‌ର ୩୩ ଜଣ ଶିକ୍ଷକ-ଶକ୍ଷୟିତ୍ରୀ ଯୋଗଦେଇଥିଲେ। ରାଜ୍ୟ ପ୍ରକଳ୍ପ ସଂଯୋଜକ ନୀଳମାଧବ ଦିଗଲ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଶରୀର ସ୍ୱଚ୍ଛ ରଖିବା ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଗୋଷ୍ଠି ଶିକ୍ଷା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ସମସ୍ତ ତାଲିମଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ବର୍ଷା ଲାଗି ରହିଛି।  ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ସର୍ବାଧିକ ୮୪ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି।

ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଜାରି ରହିଛି। ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୬୨୧ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି। ଏହା ସ୍ୱାଭାବିକ୍ ବର୍ଷା ତୁଳନାରେ ୭ ପ୍ରତିଶତ କମ୍ ଥିବା ଜଣାପଡିଛି।

## ହୀରାକୁଦ ଜଳଭଣ୍ଡାର

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ  ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ଆଜି ଆଉ ୬ଟି ଗେଟ୍ ଖୋଲିଛନ୍ତି। ବର୍ତ୍ତମାନ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରକୁ ପ୍ରତିସେକେଣ୍ଡ୍‌ରେ ୨ ଲକ୍ଷ ୫୮ ହଜାର ୨୫୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୫୦ ହଜାର ୨୨୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧିପାଇ ୬୧୨ ଦଶମିକ ୬/୦ ଫୁଟରେ ପହଞ୍ଚିଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।